


## ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ପାରଳାଖେମଣ୍ଡି,(ପି.ଏନ): ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଡ଼ମ୍ବାଗୁଡା ଗ୍ରାମ ପଂଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଡ଼ମ୍ବାଗୁଡା ଗ୍ରାମ ପଂଚାୟତ ସମେତ ଅଡଭା, ଆଳିଗଣ୍ଡା ଓ ଡ଼ାମଡୁଆ ପଂଚାୟତର ସମୁଦାୟ ମୋଟ-୧୨୨ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୨ଗୋଟି,ଗ୍ରାମ ଭିତିକ ସମସ୍ୟା-୯୦ ଗୋଟି ଅଭିଯୋଗ ଆସିଥିଲା ଓ ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ମୋହନା ପଂଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ରାଜୀବ ଶବର, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରାଜୀବ ଦାସ,ତହସିଲଦାର ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପଂଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ ।

## 'ପଶ୍ଚିମ'ର ୱେବ ସିରିଜ ପାଇଁ ମେଗା ଅଡିସନ୍ ଅନୁଷ୍ଠିତ,୭୦ ଜଣ କଳାକାର ଯୋଗ ଦେଲେ



ସୁବର୍ଣ୍ଣପୁର, (ପି.ଏନ): ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଦୈନନ୍ଦିନ ଘଟଣାବଳିକୁ ନେଇ ଖୁବ୍ ଶୀଘ୍ର ପଶ୍ଚିମ ମିଡିଆ ନେଟୱାର୍କ ପକ୍ଷରୁ ଏକ ଓଟିଟି ପ୍ଲାଟଫର୍ମ ଆରମ୍ଭ ହେବାକୁ ଯାଉଛି । ଓଡିଶାରେ ପ୍ରଥମ ଥର ପାଇଁ ଏହି ଓଟିଟି ପ୍ଲାଟଫର୍ମରେ ଉଭୟ ନ୍ୟୁଜ୍ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହି ସଂସ୍ଥାର ପ୍ରଥମ ପ୍ରୟୋଜନାରେ ପଶ୍ଚିମ ଓଡିଶାର ଗୋଟିଏ ନିଚ୍ଛକ କଥାବସ୍ତୁକୁ ନେଇ ଏକ ମେଗା ୱେବ ସିରିଜ୍ ନିର୍ମାଣ ହେବ । ଏହି ୱେବ ସିରିଜରେ ଅଭିନୟ ପାଇଁ ସୋନପୁର ବ୍ଲକ ଛକ ସ୍ଥିତ ରୟାଲ କନଭେନ୍ ?ସନ୍ ପରିସରରେ ଏକ ମେଗା ଅଡିସନ୍ ଅନୁଷ୍ଠିତ ହୋଇଛି । ଏହି ମେଗା ଅଡିସନ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗିର, ସୋନପୁର, ବରଗଡ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଆଦି ଜିଲ୍ଲାର ପ୍ରାୟ ୭୦ ଜଣ ବଛା ବଛା କଳାକାର ଯୋଗ ଦେଇ ନିଜ ନିଜ ଅଭିନୟର ଯାଦୁ ଦେଖାଇ ଥିଲେ । କଳାକାର ଚୟନ ବେଳେ ଏନ୍ଏସ୍ଡିଆନ ତଥା ବଲିଉଡ ଅଭିନେତା ଜଗନ୍ନାଥ ସେଠ ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାଣିଗ୍ରାହୀ, ଡିଓପି ଗୋପାଳ ପ୍ରଧାନ, କଣ୍ଠଶିଳ୍ପୀ ପଙ୍କଜ ଜାଲ, ଅଭିନେତା ତଥା ସଂଳାପ ଲେଖକ ବବଲୁ ବାଘ,ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ ସଂସ୍ଥାର ଚେୟାରମ୍ୟାନ ଶୁଭାଶିଷ ରଥ ଯୋଗ ଦେଇ କଳା ବଢ଼ିଲେ କଳାକାର ବଢ଼ିବ ବୋଲି କହିଥିଲେ । ପଶ୍ଚିମ ଓଡିଶାର ବିଭିନ୍ନ ଅଂଚଳରେ ବହୁ ପ୍ରତିଭାବାନ କଳାକାର ରହିଛନ୍ତି । ତାଙ୍କୁ ଲୋକ ଲୋଚନକୁ ଆଣି ଆର୍ଥିକ ସ୍ୱଚ୍ଛଳ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ସଂସ୍ଥାର ନିର୍ଦ୍ଦେଶକ ଶିବରାମ ମହାପାତ୍ର, ସାମ୍ବାଦିକ ଗଣପତି ବାଘ, ଧରଣୀଧର ମିଶ୍ରଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମକୁ ସିନେ ଅଭିନେତା ଜିତ୍ ଏବଂ ସୁଶୋଭିତା ସଂଚାଳନ କରିଥିଲେ । ମେଗା ଅଡିସନ୍ ଆୟୋଜନରେ ମନୋଜ ବାରିକ, ଦେବକୀନନ୍ଦନ ମିଶ୍ର,ବାସୁଦେବ ତ୍ରିପାଠୀ, ଅବକାଶ ମିଶ୍ର, କୌଶିକ୍,ନରେନ୍, ମାନଭଞ୍ଜନ ପୂଜାରୀ, ଗୋପାଳ ମହାକୁଡ, ନାରଦ ହାତୀ, ପ୍ରମୁଖ ସହଯୋଗ କରିଥିଲେ ।

## ରାମନାଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାମନାଗୁଡା(ପି.ଏନ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ,ରାମନାଗୁଡା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୩ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା ।

ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନାଗୁଡା ତହସିଲଦାର, ରାମନଗୁଡା ପ୍ରାଣ କୃଷ୍ଣ ପାଣିଗ୍ରାହୀ,ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ କ୍ଷଏହି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଶ୍ଚର୍ଯ୍ୟର କଥା ହେଲା ୨୩ ଗୋଟି ଅଭିଯୋଗ କାରୀଙ୍କ ମଧ୍ୟରୁ ଏପ୍ରିଲ ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ପଞ୍ଜିକରଣ କ୍ରମାଙ୍କ ସଂଖ୍ୟା ୨୧/୬୯୩ ରେ ରାୟଗଡା ଜିଲ୍ଲା ଗୁଣୁପୁର ର ଆଇନଜୀବୀ ହିମକାନ୍ତ ମହାପାତ୍ର ମଧ୍ୟ ଅଭିଯୋଗ କରିଥିଲେ ସେ ଗୁଣୁପୁର ମୌଜାର ଖାତା ନମ୍ବର ୩୨୧/୪୫୫୩,ପ୍ଲଟ ନମ୍ବର ୯୮୭/୧୭୨୦ ଓ ପ୍ଲଟ ନମ୍ବର ୯୮୫/୧/୧୭୧୯ ରେ ମୋଟ ଏକର ୦.୦୪ ସେ[ ଜମି କ୍ରୟ କରି ଘରବାରୀ କରିଛନ୍ତି ଘର ତିଆରି କରିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ ମାମଲା ନମ୍ବର ୬୦/୧୬ ତା ୦୧:୦୭:୨୦୧୬ ରିଖ ରେ ସରକାରୀ ଫିଜ ଦାଖଲ କରି ଉକ୍ତ ଦିନ ଠାରୁ ଗୁଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାର, ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ବିଜେଡି ସରକାର ଠାରୁ ଆରାମ୍ଭ କରି ଭାଜପା ସରକାର ପର୍ଯ୍ୟନ୍ତ ନିଜ ଜମି ଚିହ୍ନଟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ଆଇନଜୀବୀ ହିମକାନ୍ତ ମହାପାତ୍ର କହିଛନ୍ତି ।ସେହିପରି ସେ ଜଣେ ପେଷାରେ ଆଇନଜୀବୀ ହୋଇଥିଲେ ମଧ୍ୟ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଆଜିକୁ ୯ ବର୍ଷ ଧରି ସଂଘର୍ଷ କରି କାହାକୁ ଗୁହାରି କରିଲେ ମଧ୍ୟ କେହି ଶୁଣୁ ନଥିବା ବେଳେ ଜଣେ ସାଧାରଣ ଲୋକ ର ଗୁହାରି କିପରି ସମାଧାନ ହେଉଥିବ ମୋ ଘଟଣା ରୁ ସହଜେ ଅନୁମେୟ ବୋଲି ଅଭିଯୋଗ କରିଛନ୍ତି । ଯଦି ଜମି ଚିହ୍ନଟ ସମ୍ପର୍କରେ ଆର ଆଇ କିମ୍ବା ତହସିଲଦାର ଙ୍କୁ କହିଲେ ପୁରୁଣା କଥା ଆମେ ଜାଣିନାହୁଁ ବୋଲି କହୁଥିବା ବେଳେ ଉକ୍ତ କେସ ରେକର୍ଡ ର ସାର୍ଟିଫାଇଡ଼ କପି ମାଗିଲେ ମଧ ରେକର୍ଡ ନାହିଁ ବୋଲି ଗୁଣୁପୁର ତହସିଲଦାର କହିଥିବା ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି । ଗୁଣୁପୁର ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ ପାଇଁ ଖାତାଦାର ଙ୍କୁ ସ୍କେଚ ମ୍ୟାପ ମାଗୁଛନ୍ତି କିନ୍ତୁ କାର୍ଯ୍ୟାଳୟ ରେ ଥିବା ମ୍ୟାପ କୁ ଖୋଜୁ ନାହାନ୍ତି ବୋଲି କହିଥିବା ବେଳେ ଜମି ଚିହ୍ନଟ ପାଇଁ ପୁରୁଣା ମାମଲା ଗୁଡିକ ପଡିରହିଥିବା ସ୍ଥଳେ ନୂତନ ଜମି ଚିହ୍ନଟ କିପରି ହେଉଛି ବୋଲି ଅଭିଯୋଗ କରିଛନ୍ତି ।ତେବେ ଆଇନଜୀବୀ ଶ୍ରୀ ହିମକାନ୍ତ ମହାପାତ୍ରଙ୍କ ଭଳି ଅନେକ ଅଭିଯୋଗ କାରୀଙ୍କ ଅଭିଯୋଗ ର କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।ଅନ୍ୟ ମାନଙ୍କ ମଧ୍ୟରେ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ରାମନାଗୁଡା ଥାନା ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।





2025-2026



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Saturday June 14 | ଭୁବନେଶ୍ୱର ଶନିବାର, ୧୪, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

# ଆଇଆରଟିଏସ ଅଧିକାରୀ ଅନୁପ ଶତପଥୀଙ୍କୁ ଉଚ୍ଚ ପ୍ରଶାସନିକ ଗ୍ରେଡ଼କୁ ପଦୋନ୍ନତି

ନୂଆଦିଲ୍ଲୀ / ଗୋରଖପୁର / ଭୁବନେଶ୍ୱର : ଅନୁପ ଶତପଥୀ, ଯିଏ ୧୯୯୩ ବ୍ୟାଚ୍‌ର IRTS ଅଧିକାରୀ ଏବଂ ବର୍ତ୍ତମାନ ଉତ୍ତର ପୂର୍ବ ରେଳବାଇର ଗୋରଖପୁରରେ ପ୍ରିନ୍ସିପାଲ୍ ଚିଫ୍ ଅପରେସନ୍ସ ମ୍ୟାନେଜର ଭାବରେ ନିଯୁକ୍ତ, ତାଙ୍କୁ ସମ୍ପ୍ରତି ଉଚ୍ଚ ପ୍ରଶାସନିକ ଗ୍ରେଡ୍ (HAG) ରେ ନିଶ୍ଚିତ କରାଯାଇଛି। ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ, ଶ୍ରୀ ଶତପଥୀ ଭାରତୀୟ ରେଳବାଇର ଅନେକ ସ୍ଥାନରେ କାର୍ଯ୍ୟ କରିଛନ୍ତି ଏବଂ ଦ୍ରୁତ ଏବଂ ସାହସିକ ନିଷ୍ପତ୍ତି, ସୁରକ୍ଷା ସଚେତନତା, ଗ୍ରାହକ-ସମର୍ଥକ ମନୋଭାବ, କର୍ମଚାରୀ ଅନୁକୂଳ ଆଚରଣ, ସ୍ୱଚ୍ଛତା ଏବଂ କାର୍ଯ୍ୟ କରିବାର ଶୈଳୀ ପାଇଁ ଖ୍ୟାତି ଅର୍ଜନ କରିଛନ୍ତି। ସହଡୋଲରେ ବିଳାସପୁର ଡିଭିଜନର CIC କ୍ଷେତ୍ରର କ୍ଷେତ୍ର ପରିଚାଳକ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରି, ସେ ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନରେ ବରିଷ୍ଠ ବିଭାଗୀୟ ପରିଚାଳନା ପ୍ରବନ୍ଧକ ଏବଂ ପୁଣି SECRର ନାଗପୁର ଡିଭିଜନରେ ଥିବା ପ୍ରତ୍ୟେକ ପଦବୀରେ ବହୁତ ପ୍ରସିଦ୍ଧି ଅର୍ଜନ କରିଥିଲେ। ତା'ପରେ, ନାଗପୁରରେ କଣ୍ଟେନର କର୍ପୋରେସନ ଅଫ୍ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ ଭାବରେ ସେ କେନ୍ଦ୍ରୀୟ ରେଳବାଇର ନାଗପୁର ଡିଭିନର ଅତିରିକ୍ତ ଡିଆରଏମ ଭାବରେ ଯୋଗଦେବା ପୂର୍ବରୁ ସେହି ସଂଗଠନର ବ୍ୟବସାୟକୁ ପରବର୍ତ୍ତୀ ସ୍ତରକୁ ନେଇଯାଇଥିଲେ। ବିଶାଖାପାଟଣାରେ ତାଙ୍କର ସୁନାମ, ଲୋକପ୍ରିୟତା ଏବଂ



ଗୌରବ ପ୍ରକୃତରେ ଉଚ୍ଚ ସ୍ତରରେ ପହଞ୍ଚିଥିଲା ଯେଉଁଠାରେ ସେ ସର୍ବୋତ୍ତମ ସ୍ମରଣୀୟ DRM ଭାବରେ କାର୍ଯ୍ୟ କରିଥିଲେ ଏବଂ ରେଳବାଇର ପ୍ରତ୍ୟେକ କଳ୍ପନାଯୋଗ୍ୟ ଶାସନ କ୍ଷେତ୍ରରେ ବିପ୍ଳବୀ ପଦକ୍ଷେପ ନେଇଥିଲେ। ତାଙ୍କର ଯାତ୍ରୀ କେନ୍ଦ୍ରିକ ଏବଂ ସାହସିକ ପଦକ୍ଷେପ ଯୋଗୁଁ ରେଳ ବ୍ୟବହାରକାରୀ ଏବଂ ୱାଲ୍‌ଟେୟାର ଡିଭିଜନର କର୍ମଚାରୀମାନେ ତାଙ୍କୁ ସ୍ନେହରେ ପିପୁଲ୍ସ ଡିଆରଏମ, ୱାଲ୍‌ଟେୟାର ବିରାୟ ଇତ୍ୟାଦି ଭାବରେ ସମ୍ବୋଧିତ କରିଥିଲେ। ଡିଭିଜନ କାର୍ଯ୍ୟଦକ୍ଷତାର ପ୍ରତ୍ୟେକ କ୍ଷେତ୍ରରେ ମଧ୍ୟ ଉତ୍କୃଷ୍ଟ ହୋଇଥିଲା। ୱାଲଟେୟାର ତାଙ୍କ ଅଧିକାର କ୍ଷେତ୍ରର ସମସ୍ତ ଡିଭିଜନକୁ ECOR ଜୋନ୍ ଦ୍ୱାରା ଦିଆଯାଇଥିବା ୨୨ଟି ମଧ୍ୟରୁ ୧୪ଟି ଦକ୍ଷତା ସିଲ୍ଡ ଗସକ୍ଷସଭବ ପରେ ଉଚ୍ଚ ପରିଚାଳନା ଦ୍ୱାରା ତାଙ୍କର ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ଦିଆଯାଇଥିଲା। ଏବେ, ତାଙ୍କୁ HAG ରେ ନିଶ୍ଚିତକରଣ ମିଳିବା ପରେ, ରେଳ ଅଧିକାରୀ, କର୍ମଚାରୀ ଏବଂ ତାଙ୍କ ସହିତ ପରିଚିତ ଜନସାଧାରଣଙ୍କ ଏକ ବଡ଼ ବର୍ଗ ମଧ୍ୟରେ ସନ୍ତୋଷର ଭାବନା ପ୍ରକାଶ ପାଇଛି।

# ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଙ୍କୁ ଶ୍ରେଷ୍ଠ ପୁରସ୍କାର

ଧର୍ମଗଡ଼ (ପି ଏନ): ଏହି ଦୁନିଆଁରେ କେହି ନୁହେଁ କାହାର ।ମଣିଷ ଜୀବନରେ ସେବା ହିଁ ପରମ ଈଶ୍ୱର। ମଣିଷ କେବେ ଜାଣେ ନାହିଁ। ସେବା କଣ? ଆଜି କାଲି ଦୁନିଆଁରେ ମଣିଷ ସ୍ୱାର୍ଥ ପର ଭାଇ ତ ସମସ୍ୟା ପାଇ ସମାଧାନ ଖୋଜେ ନାହିଁ। କିନ୍ତୁ ଗୋଲାମୁଣ୍ଡା ବ୍ଲକ ରେ କିଞ୍ଚିତ ସମସ୍ୟା ସମାଧାନ ପାଇଁ ବ୍ୟାକୁଳ ବ୍ଲକ ଅଧ୍ୟକ୍ଷ। ସେ ସଦା ବେଳେ ଚାହାନ୍ତି ମୁଁ କେମିତି ଏହି ସମାଜର ସମସ୍ୟା ସମାଧାନ କରି ପାରିବି। ସେଥି ପାଇ ସଦା ଚେଷ୍ଟିତ। ସେ ସମାଧାନ କରନ୍ତୁ ଅବା ନ କରନ୍ତୁ କିନ୍ତୁ ସଦା ବେଳେ ପ୍ରୟାସ ସମାଧାନ ତାଙ୍କର ମଣିଷ ପଣିଆକୁ ସମସ୍ତେ ଦିଅନ୍ତି ଧନ୍ୟବାଦ। କେହି କହନ୍ତି ନାହିଁ ଯେ ଏହି ବ୍ୟକ୍ତି ବିଜେପି କି ବିଜେଡି କି କଂଗ୍ରେସ। କିନ୍ତୁ ସମସ୍ତେ କହନ୍ତି ଆମ ବ୍ଲକ ଅଧ୍ୟକ୍ଷ ଙ୍କୁ ଧନ୍ୟବାଦ। ଆଜି ସେଥିପାଇଁ ଆମ ଗାଁ ରଜ କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପ ଠାରେ ସର୍ବଶ୍ରେଷ୍ଠ ବ୍ଲକ ଅଧ୍ୟକ୍ଷ ଭାବରେ ଆମ ସମସ୍ତଙ୍କ ପ୍ରିୟ ସମ୍ମାନନୀୟ



ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ମହୋଦୟ ଙ୍କୁ ପୁରସ୍କାର ଦେଇଛନ୍ତି, କାର୍ଯ୍ୟକ୍ରମ ରେ ପୂର୍ବତନ ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀ ବିଶେଶ୍ୱର ଟୁଡୁ, ଯାଜପୁର ମାନନୀୟ ସାଂସଦ, ବରିଷ୍ଠ ସାମ୍ବାଦିକ ତଥା ସମ୍ବାଦ ଖବର କାଗଜ ଓ କନକ ନିୟୁଜ ର ଫାଉଣ୍ଡର ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଧର୍ମଶାଳା ମାନ୍ୟବର ବିଧାୟକ ହିମାଂଶୁ ସାହୁ ଓ ସାନଖେମୁଣ୍ଡି ମାନ୍ୟବର ବିଧାୟକ ଶ୍ରୀ ରମେଶ ଜେନା, ରାଜ୍ୟ ବିଜେପି ଉପ ସଭାପତି ଶ୍ରୀ ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ଶ୍ରୀ ସୁର ରାଉତ ରାୟ, ଫୋକସ ପ୍ଲସ ଚେନାଲ ର ଫାଉଣ୍ଡର ଶ୍ରୀ ସୁଧାଂଶୁ ରାଉତ ପ୍ରମୁଖ ଯୋଗଦାନ ଦେଇଥିଲେ।

# ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ବିକାଶ ମେଳା - ୨୦୨୫ ହାବେଲୀ ପଡ଼ିଆରେ ଅନୁଷ୍ଠିତ

ଖୋର୍ଦ୍ଧା,(ପି.ଏନ): ଓଡ଼ିଶା ସରକାରଙ୍କ ଏକବର୍ଷ ଶାସନ ପୂର୍ତ୍ତି ଉପଲକ୍ଷେ ଜୁନ ୧୨ ତାରିଖରୁ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମା ହାବେଳି ପଡ଼ିଆରେ ବିକାଶ ମେଳା ଓ ପାରମ୍ପାରିକ ଖାଦ୍ୟ ମେଳା-୨୦୨୫ ଅନୁଷ୍ଠିତ ହେବ । ଏହି ଜନଜାଗରଣ ତଥା ସଚେତନତା କାର୍ଯ୍ୟକ୍ରମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ମଧ୍ୟ ଅନୁଷ୍ଠିତ ହେବ । ଜୁନ ୧୨ ତାରିଖ ପୂର୍ବାହ୍ନ ୧୦ ଘଟିକା ମହାତ୍ମାଗାନ୍ଧୀ ମାର୍ଗ, ଖାରବେଳ ନଗର, ଭୁବନେଶ୍ୱର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିକାଶ ବାହନ ଗୁଡ଼ିକର ଶୁଭାରମ୍ଭ ହେବ । ପରୋକ୍ଷେ ଅପରାହ୍ନ ୫ ଘଟିକା ସମୟରେ ଖୋର୍ଦ୍ଧା ହାବେଲୀ ପଡ଼ିଆରେ ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳାର ଶୁଭ ଉଦ୍ଘାଟନ, ଯୋଗ୍ୟ ହିତାଧିକାରୀଙ୍କୁ ପେନସନ କାର୍ଡ, ଶ୍ରମ କାର୍ଡ, ରାସନ କାର୍ଡ ବଣ୍ଟନ ହେବ । ୧୩ ତାରିଖରେ ଅପରାହ୍ନ ୪ ଘଟିକା ସମୟରେ ହାବେଲୀ ପଡିଆଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ମହିଳା ପ୍ରତିଯୋଗୀ ଓ ଉତ୍କୃଷ୍ଟ ଗୋଷ୍ଠୀ ମାନଙ୍କୁ ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜୁନ ୧୪,୧୫ ଏବଂ ୧୬ ତାରିଖ ରେ ଓଡ଼ିଶାର ପାରମ୍ପାରିକ ରଜ ପର୍ବ ପଡୁଥିବାରୁ, ଉକ୍ତ ଦିନ ମାନଙ୍କରେ ସକାଳ ୧୧ ଘଟିକା ସମୟରେ ରଜପର୍ବ ପାଳନ ଏବଂ ଅପରାହ୍ନ ୪ ଘଟିକାରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ ଓ ସନ୍ଧ୍ୟା ୬ ଘଟିକା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜୁନ ୧୭ ତାରିଖରେ ୧୧ ଘଟିକା ସମୟରେ ଭୁବନେଶ୍ୱରଠାରେ ବିକଶିତ ଖୋର୍ଦ୍ଧା ବିକଶିତ ଓଡ଼ିଶା ଉପରେ ବୌଦ୍ଧିକ ଆଲୋଚନା, ଅପରାହ୍ନ ୪ଘଟିକା ସମୟରେ ହାବେଳି ପଡିଆ, ଖୋର୍ଦ୍ଧାଠାରେ ଉତ୍କୃଷ୍ଟ କୃଷକ ମାନଙ୍କୁ ସମ୍ବର୍ଦ୍ଧନା, କୃଷିବିଭାଗ ଅଧିନସ୍ଥ ଯୋଜନାର ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଏବଂ ସନ୍ଧ୍ୟା ୬ ଘଟିକାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୮ ତାରିଖରେ ଅପରାହ୍ନ ୪ଘଟିକା,୫ଘଟିକା, ସଂଧ୍ୟା ୬ଘଟିକା ଓ ସଂଧ୍ୟା ୭ଘଟିକାରେ ଯଥାକ୍ରମେ ମାଟ୍ରିକ ପରୀକ୍ଷାରେ ଇ୧ ପ୍ରାପ୍ତ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା, ଆଦିବାସୀ ଶକ୍ତି ଦିବସ ପାଳନ (ଧରତୀ ଆବା ଜନଯାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ), ଡ୍ରାମା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହାବ?ଳି ପଡ଼ିଆରେ ଅନୁଷ୍ଠିତ ହେବ । ଜୁନ ୧୯ ତାରିଖରେ ଅପରାହ୍ନ ୪ଘଟିକା ଓ ସନ୍ଧ୍ୟା ୬ ଘଟିକାରେ ଯଥାକ୍ରମେ ଓଡ଼ିଆ ଗୁଣାତ୍ମକ ଚଳଚ୍ଚିତ୍ର ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୦ତାରିଖ ଅପରାହ୍ନ ୪ଘଟିକା, ୫ଘଟିକା , ସଂଧ୍ୟା ୬ଘଟିକା ଓ ୭ଘଟିକା ସମୟରେ ଯଥାକ୍ରମେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ, ନାଟକ ପ୍ରଦର୍ଶନ, ପୁରସ୍କାର ବିତରଣ ଓ ବିକାଶ ମେଳାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ । ଜୁନ ୨୧ତାରିଖରେ ସକାଳ ୬ଘଟିକା ସମୟରେ ଆନ୍ତର୍ଜାତୀୟ ଯୋଗ ଦିବସ ତଥା ଯୁବା ଦିବସ ପାଳନ ଓ ସଫଳ ଛାତ୍ର ଛାତ୍ରୀ ତଥା ଯୁବା ମାନଙ୍କୁ ହାବେଳୀ ପଡ଼ିଆରେ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ଏଣୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଜନ ସାଧାରଣ ଜୁନ ୧୨ ତାରିଖରୁ ଜୁନ ମାସ ୨୧ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଏହି ବିକଶିତ ମେଳାର ଅଂଶୀଦାର ହୋଇ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ଲୋକାଭିମୁଖୀ ଯୋଜନାର ମୁଖ୍ୟ ସ୍ରୋତରେ ନିଜେ ସାମିଲ ହେବାସହ ଅନ୍ୟକୁ ସାମିଲ କରାଇ ସରକାରଙ୍କର ସମସ୍ତ ଯୋଜନାର ସୁଫଳ ନିଜେ ଗ୍ରହଣ କରିବା ସହ ଅନ୍ୟକୁ ସହଯୋଗ କରି ଖୋର୍ଦ୍ଧା ଜିଲ୍ଲାର ପାରମ୍ପାରିକ ସଂସ୍କୃତି ଓ ଇତିହାସ ଉଜ୍ଜୀବିତ ରଖିବା କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଓଡିଶା ତଥା ଦେଶର ପ୍ରଗତିରେ ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା

ପାରାଦୀପ ,(ପି.ଏନ): ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ (ଆଇଓସିଏଲ) ପାରାଦୀପ ରେ ପ୍ରାୟ ୪୩,୩୫୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି, ଯେଉଁଥିରେ ଏହାର ଅତ୍ୟାଧୁନିକ ରିଫାଇନରୀ ୟୁନିଟ୍ (୩୪,୫୫୫ କୋଟି ଟଙ୍କା), ପଲିପ୍ରୋପିଲିନ୍ ପ୍ଲାଣ୍ଟ (୩,୧୫୦ କୋଟି ) ଏବଂ ମୋନୋ ଇଥୁଲିନ୍ ? ଗ୍ଲାଇକୋଲ ପ୍ଲାଣ୍ଟ (୫,୬୫୪ କୋଟି ଟଙ୍କା) ଅନ୍ତର୍ଭୁକ୍ତ । ଏହା ସହିତ, ପେଟ୍ରୋକେମିକାଲ୍ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ୍, ପାରାପରେ ଚାଲିଥିବା ପିଏକ୍ସ-ପିଟିଏ ପ୍ରକଳ୍ପରେ ୧୩,୮କ୍ସ୫ କାଟି ଟଙ୍କା ପୁଞ୍ଜିନିବେଶ କରିଛି ଓ ଓଡ଼ିଶାର ବୟନ ଶିଳ୍ପ କ୍ଷେତ୍ରକୁ ସହଯୋଗ କରିବା ପାଇଁ ଭଦ୍ରକ ଟେକ୍ସଟାଇଲ୍ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨ କୋଟି ଟଙ୍କା ନିବେଶ କରାଯିବା ପାଇଁ ଯୋଜନା ରହିଛି ଓ ଆଗାମୀ ପାରାଦୀପ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ପ୍ରକଳ୍ପ ରେ ପ୍ରସ୍ତାବିତ ୬୧,୦୭୭ କୋଟି ଟଙ୍କାର ନିବେଶ ସହ ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତି ବୃଦ୍ଧି କରିବ କ୍ଷ ଏହି ନିବେଶ ଗୁଡିକ ପାରାଦୀପକୁ ଏକ ସମନ୍ୱିତ ଉର୍ଜା ଏବଂ ପେଟ୍ରୋକେମିକାଲ ହବ୍? ଭାବେ ବିକଶିତ କରିବା ପାଇଁ ଇଣ୍ଡିଆନ୍ ଅଏଲ୍? ର ରଣନୈତିକ ଦୃଷ୍ଟିକୋଣକୁ ଦର୍ଶାଉଛି । ଏହା ଭାରତ ସରକାରଙ୍କ 'ଆତ୍ମନିର୍ଭର ଭାରତ' ପଦକ୍ଷେପ ଅଧୀନରେ ନବୀକରଣକୁ ପ୍ରୋତ୍ସାହନ, ଆତ୍ମନିର୍ଭରତା ବୃଦ୍ଧି ଏବଂ ସ୍ୱଚ୍ଛ, ନିରନ୍ତର ଭବିଷ୍ୟତ ପାଇଁ ଜାତୀୟ ଉର୍ଜା ପରିବର୍ତ୍ତନକୁ ଆଗେଇ ନେବାରେ କର୍ପୋରେସନର ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ଏଥିସହ ପାରାଦୀପ ତୈଳ ବିଶୋଧନାଗାର ର ବିକାଶ, ପରିଚାଳନା ଏବଂ ୧୫ ହଜାରରୁ ଅଧିକ ଜୀବିକା ନିର୍ବାହକୁ ପ୍ରତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସହାୟକ ହେବ, ଯେଉଁଥିରେ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକ, ଠିକାଦାର ଏବଂ ଯୋଗାଣ ଶୃଙ୍ଖଳା ଅଂଶୀଦାର ମାନେ ଅନ୍ତର୍ଭୁକ୍ତ ରହିବେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray